# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**21st May - 2025**

**News Editor : Tapan Kumar Moharana**

**********************************

## ମୁଖ୍ୟ ସମ୍ବାଦ

- ଦେଶର ବିକାଶରେ ପଶ୍ଚିମ ଓଡ଼ିଶାର ଯୋଗଦାନ ରହିଛି; କହିଲେ ନୀତି ଆୟୋଗର ପୂର୍ବତନ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତାଭ କାନ୍ତ
- ଆଉ କିଛି ସମୟ ପରେ ପ୍ରକାଶ ପାଇବ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଯୁକ୍ତଦୁଇ ପରୀକ୍ଷା ଫଳ
- ରାଜ୍ୟରେ ନ୍ୟାୟିକ ଭିତ୍ତିଭୂମିର ସୁଦୃଢ଼ୀକରଣ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ସହାୟତା ପ୍ରଦାନ

ଏବଂ

- ଶ୍ରୀଜୀଉମାନଙ୍କର ରାଜେନ୍ଦ୍ରାଭିଷେକ ନୀତିଠାରୁ ଆରମ୍ଭ କରି ନୀଳାଦ୍ରି ବିଜେ ନୀତି ସମ୍ପର୍କରେ ଆଜିର ଛତିଶାନିଯୋଗ ବୈଠକରେ ହେବ ଆଲୋଚନା

## ଜି-ଟ୍ୱେଣ୍ଟି

ଦେଶର ବିକାଶରେ ପଶ୍ଚିମ ଓଡ଼ିଶାର ଯୋଗଦାନ ରହିଛି ବୋଲି ଜି-୨୦ ସେରପା ତଥା ନୀତି ଆୟୋଗର ପୂର୍ବତନ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତାଭ କାନ୍ତ କହିଛନ୍ତି। ଦୁଇଦିନିଆ ସମ୍ବଲପୁର ଗସ୍ତର ଦ୍ୱିତୀୟ ଦିନରେ ଆଜି ବୁର୍ଲାସ୍ଥିତ ମହାନଦୀ  କୋଇଲା କମ୍ପାନୀ-ଏମ୍‌ସିଏଲ୍‌ଠାରେ ଏକ ସମୀକ୍ଷା ବୈଠକରେ ଯୋଗ ଦେଇ ଶ୍ରୀ କାନ୍ତ କହିଛନ୍ତି, ପଶ୍ଚିମ ଓଡ଼ିଶାରେ ମହଜୁଦ୍ ଥିବା କୋଇଲା, ଆଲୁମିନିୟମ୍ ଏବଂ ଅନ୍ୟ ଖଣିଜ ପଦାର୍ଥ ଦେଶ ଅଭିବୃଦ୍ଧିରେ ସହାୟକ ହୋଇଥାଏ। ପଶ୍ଚିମ ଓଡ଼ିଶାର ବିକାଶ ଅତ୍ୟନ୍ତ ଜରୁରୀ ବୋଲି ଅମିତାଭ କାନ୍ତ କହିଛନ୍ତି। ଏହି ଅଂଚଳରେ ନୂଆ ଷ୍ଟାର୍ଟଅପ୍ ଇକୋ ସିଷ୍ଟମ୍‌କୁ କିପରି ପ୍ରୋତ୍ସାହନ ଦିଆଯାଇ ପାରିବ ସେ ସମ୍ପର୍କରେ ଶ୍ରୀ କାନ୍ତ ବୈଠକରେ ଆଲୋଚନା କରିଥିଲେ। ହୀରାକୁଦରେ ଭାସମାନ ସୋଲାର ସାହାଯ୍ୟରେ ସବୁଜ ଶକ୍ତି ଉତ୍ପାଦନର ଏକ ବଡ଼ ସୁଯୋଗ ରହିଛି ବୋଲି ଜି-୨୦ ସେରପା ଶ୍ରୀ କାନ୍ତ କହିଛନ୍ତି।

**-V/O-***(Amitabh Kant)*

## +୨ ପରୀକ୍ଷାଫଳ

ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ + ୨ ପରୀକ୍ଷାଫଳ ଆଜି ଅପରାହ୍ଣରେ ପ୍ରକାଶ ପାଇବ । ଚଳିତବର୍ଷ ଏକକାଳୀନ କଳା, ବାଣିଜ୍ୟ, ବିଜ୍ଞାନ ଓ ଧନ୍ଦାମୂଳକ ଶିକ୍ଷା ପାଠ୍ୟକ୍ରମର ଫଳ ପ୍ରକାଶ ପାଇବ ବୋଲି

ପରିଷଦ ପକ୍ଷରୁ କୁହାଯାଇଛି । ଛାତ୍ରଛାତ୍ରୀମାନେ **www.results.odisha.gov.in, www.chseodisha.nic.in** ବା **www.results.dglocker.gov.in** ମାଧ୍ୟମରେ ପରୀକ୍ଷା ଫଳ ଜାଣିପାରିବେ । ଚଳିତବର୍ଷ ପ୍ରାୟ ୩ଲକ୍ଷ ୯୩ହଜାର ୬୧୮ଜଣ ଛାତ୍ରଛାତ୍ରୀ +୨ ପରୀକ୍ଷା ଦେଇଥିଲେ ।

## ସପ୍ଲିମେଣ୍ଟାରୀ ପରୀକ୍ଷା

ଚଳିତବର୍ଷର ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷା ଜୁଲାଇ ୧ରୁ ଆରମ୍ଭ ହୋଇ ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ। ରେଗୁଲାର ଏବଂ ଏକ୍ସ ରେଗୁଲାର ପରୀକ୍ଷା ଗୋଟିଏ ସିଟିଂରେ ଅନୁଷ୍ଠିତ ହେବ । ପରୀକ୍ଷା ସକାଳ ୯ଟାରୁ ଆରମ୍ଭ ହୋଇ ୧୧ଟା ୩୦ ପର୍ଯ୍ୟନ୍ତ ଚାଲିବ । କେବଳ ଗଣିତ ପରୀକ୍ଷାରେ ବିଦ୍ୟାର୍ଥୀମାନଙ୍କୁ ଅଧିକ ୧୫ ମିନିଟ୍ ସମୟ ମିଳିବା ନେଇ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି ।

## ବିଟିଂ ରିଟ୍ରିଟ୍

ଭାରତ-ପାକିସ୍ତାନ ସୀମାନ୍ତ ଅଟାରି ୱାଘା ଚେକ୍‌ପୋଷ୍ଟ ଠାରେ ବିଟିଂ ରିଟ୍ରିଟ୍ ସମାରୋହ ଆଜି ସନ୍ଧ୍ୟାରୁ ସାଧାରଣ ଜନତାଙ୍କ ପାଇଁ ଖୋଲିବ । ଏହି ସମାରୋହ ଗତ ସନ୍ଧ୍ୟାରୁ ଆରମ୍ଭ ହୋଇଥିଲେ ମଧ୍ୟ ଏହା କେବଳ ଗଣମାଧ୍ୟମ ପାଇଁ ଉଦ୍ଦିଷ୍ଟ ରହିଥିଲା । ଫିରୋଜ୍‌ପୁରର ହୁସେନିୱାଲା ଏବଂ ଫାଜିଲକା'ର ସଦ୍‌କି ସୀମା ପୋଷ୍ଟରେ ମଧ୍ୟ ବିଟିଂ ରିଟ୍ରିଟ୍ ସମାରୋହକୁ ଆଜିଠାରୁ ସାଧାରଣ ଜନତା ଉପଭୋଗ କରିପାରିବେ । ଅପରେସନ୍

ସିନ୍ଦୂରକୁ ଦୃଷ୍ଟିରେ ରଖି ଗତ ୮ ତାରିଖଠାରୁ ଏହି ସମାରୋହକୁ ବନ୍ଦ ରଖାଯାଇଥିଲା ।

## ତ୍ରିରଙ୍ଗା ଶୋଭାଯାତ୍ରା

ଅପରେସନ ସିନ୍ଦୂରର ସଫଳତା ନେଇ **ଭଦ୍ରକ** ଜିଲ୍ଲାର ବିଭିନ୍ନ ବ୍ଲକ୍ ପଂଚାୟତରରେ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ଧାମନଗର ବ୍ଲକ ଧୁଷୁରୀଠାରେ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟଙ୍କ ସମେତ ଜନସାଧାରଣ, ଯୁବଗୋଷ୍ଠୀ ଯୋଗଦେଇ ନଗର ପରିକ୍ରମା କରି ଭାରତୀୟ ସେନାବାହିନୀର ସାହସକୁ ପ୍ରଶଂସା କରିଥିଲେ। ଜିଲ୍ଲାର ତିହିଡି, ଚାନ୍ଦବାଲି, ଘଣ୍ଟେଶ୍ୱର, ବଜରାପୁର ଆଦି ପଞ୍ଚାୟତରରେ ମଧ୍ୟ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା।

**ନବରଙ୍ଗପୁର** ଜିଲ୍ଲାର ନନ୍ଦାହାଣ୍ଡି ବ୍ଲକ୍ ପ୍ରଶାସନ ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା ବ୍ଲକ୍ କାର୍ଯ୍ୟାଳୟରୁ ବାହାରି ସିନ୍ଧିଗୁଡ଼ା, ମାଳିଗୁଡ଼ା ଦେଇ ଏକମ୍ବାଠାରେ ପହଞ୍ଚିଥିଲା। ବିଧାୟକ ଗୌରୀଶଙ୍କର ମାଝୀ ଏବଂ ବିଡ଼ିଓ କ୍ଷୀରୋଦ ଚନ୍ଦ୍ର ସାହୁ ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ।

## ଛାତ୍ରସଂସଦ ନିର୍ବାଚନ

ବିଶ୍ୱବିଦ୍ୟାଳୟ ଏବଂ ମହାବିଦ୍ୟାଳୟଗୁଡ଼ିକରେ ଛାତ୍ରସଂସଦ ନିର୍ବାଚନ କରିବା ନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ବିଭାଗୀୟ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସୂଚନା ଅନୁସାରେ, ଦଶହରା ପୂର୍ବରୁ ଛାତ୍ରସଂସଦ

ନିର୍ବାଚନ ହେବ ବୋଲି  ଆଶା କରାଯାଉଛି। ସେ କହିଛନ୍ତି, ଉଚ୍ଚ ଶିକ୍ଷାନଷ୍ଠାନଗୁଡ଼ିକରେ ଠିକ୍ ସମୟରେ ନିର୍ବାଚନ ଶେଷ କରିବା ପାଇଁ ପ୍ରୟାସ ଜାରି ରହିଛି।

ସୂଚନାଯୋଗ୍ୟ, କୋଭିଡ୍ ଏବଂ କେତେକ ଉଚ୍ଚଶିକ୍ଷାନିଷ୍ଠାନଗୁଡ଼ିକରେ ଛାତ୍ରସଂସଦ ନିର୍ବାଚନ ସମୟରେ  ବିଶୃଙ୍ଖଳା ଦେଖାଦେବାରୁ ଛାତ୍ର ସଂସଦ ନିର୍ବାଚନ ବନ୍ଦ ରହିଛି।

# ନ୍ୟାୟିକ ଭିତ୍ତିଭୂମି ସୁଦୃଢ଼ୀକରଣ

ରାଜ୍ୟରେ ନ୍ୟାୟିକ ଭିତ୍ତିଭୂମିର ସୁଦୃଢ଼ୀକରଣ ପାଇଁ କେନ୍ଦ୍ର ସରକାର ଚଳିତ ଆର୍ଥିକ ବର୍ଷ ନିମନ୍ତେ ୭ କୋଟି ୬୪ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି । କେନ୍ଦ୍ର ଆଇନ୍‌ମନ୍ତ୍ରୀ ଅର୍ଜୁନରାମ ମେଘୱାଲ କହିଛନ୍ତି ଏହି ଅର୍ଥରେ କୋର୍ଟ ରୁମ୍ ଗୁଡ଼ିକର ସୁବିଧା ସହ ଡିଜିଟାଇଜେସନକୁ ବ୍ୟାପକ କରାଯିବ । ସେହିଭଳି ନ୍ୟାୟିକ ଭିତ୍ତିଭୂମିର ଉନ୍ନତି ପାଇଁ ଅର୍ଥ ଖର୍ଚ୍ଚ ହେବ ବୋଲି ଶ୍ରୀ ମେଘୱାଲ କହିଛନ୍ତି ।

# ପୁରୀ-ବୈଠକ

ପୁରୀ ଶ୍ରୀମନ୍ଦିର ଛତିଶାନିଯୋଗ ବୈଠକ ମୁଖ୍ୟ ପ୍ରଶାସକଙ୍କ ଅଧ୍ୟକ୍ଷତାରେ ଆଜି ଅପରାହ୍ଣରେ ଅନୁଷ୍ଠିତ ହେବ । ବୈଠକରେ ରାଜେନ୍ଦ୍ରାଭିଷେକ ନୀତିଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ସମସ୍ତ ନୀତିକାନ୍ତିକୁ ନେଇ ନୀତିନିର୍ଘଣ୍ଟ ପ୍ରସ୍ତୁତ କରାଯିବ। ଛତିଶାନିଯୋଗ ବୈଠକରେ ସ୍ନାନପୂର୍ଣ୍ଣିମାରେ ଜଳଲାଗି ସହ ହାତୀବେଶକୁ ଶୃଙ୍ଖଳିତ କରାଯିବା ସହିତ ନୀତିକାନ୍ତିକୁ ଠିକ୍

ସମୟରେ କରିବା ନେଇ ବୈଠକରେ ପ୍ରମୁଖ ଭାବେ ଆଲୋଚନା ହେବ। ଏହାବ୍ୟତୀତ ନୀତିକାନ୍ତି କ୍ରମରେ ଅନବସର ନୀତି, ଶ୍ରୀଗୁଣ୍ଡିଚା ଯାତ୍ରାକୁ ଶୃଙ୍ଖଳିତ କରିବା ପ୍ରସଙ୍ଗରେ ବୈଠକରେ ସ୍ଥାନ ପାଇବ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି।

## ଚନ୍ଦନ ଯାତ୍ରା

ଶ୍ରୀକ୍ଷେତ୍ରରେ ୨୧ ଦିନ ବ୍ୟାପୀ ମହାପ୍ରଭୁଙ୍କ ବାହାର ଚନ୍ଦନଯାତ୍ରା ଶେଷ ହେବା ପରେ ଆଜିଠାରୁ ଭିତର ଚନ୍ଦନଯାତ୍ରା ଆରମ୍ଭ ହେବ। ୨୧ ଦିନ ଧରି ମହାପ୍ରଭୁଙ୍କୁ ଚନ୍ଦନ ଓ ଆଲଟ ଲାଗି କରାଯିବ। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଜାତ ଭୋଗ ସରିବା ପରେ ଭିତର ଚନ୍ଦନଯାତ୍ରା ନୀତି ଆରମ୍ଭ ହେବ। ଜ୍ୟେଷ୍ଠ କୃଷ୍ଣ ଏକାଦଶୀ, ସାବିତ୍ରୀ ଅମାବାସ୍ୟା, ଶୀତଳଷଷ୍ଠୀ ଓ ରୁକ୍ମିଣୀ ହରଣ ଏକାଦଶୀରେ ଶ୍ରୀମନ୍ଦିର ଭିତରେ ଠାକୁରଙ୍କ ଜଳକ୍ରୀଡା ନୀତି ଅନୁଷ୍ଠିତ ହୋଇଥାଏ। ଅକ୍ଷୟତୃତୀୟାଠାରୁ ସ୍ନାନପୂର୍ଣ୍ଣିମା ପୂର୍ବଦିନ ପର୍ଯ୍ୟନ୍ତ ମୋଟ୍ ୪୨ ଦିନ ଧରି ଚନ୍ଦନଯାତ୍ରା ଅନୁଷ୍ଠିତ ହେବାର  ବିଧି ରହିଛି।

## କୃଷ୍ଣଚନ୍ଦ୍ର ପାତ୍ର ପୁରୀ ଗସ୍ତ

ବିଶ୍ୱପ୍ରସିଦ୍ଧ ରଥଯାତ୍ରାକୁ ନେଇ **ପୁରୀ** ପୌରପାଳିକା ପକ୍ଷରୁ ବିଭିନ୍ନ କାର୍ଯ୍ୟର ଆଜି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସମୀକ୍ଷା କରିଛନ୍ତି। ପୁରୀ ଗସ୍ତ ବେଳେ ବଡ଼ଦାଣ୍ଡରେ କ୍ଷେତ୍ର ପରିଦର୍ଶନ କରିଥିଲେ। ବିଶେଷକରି ବଡ଼ଦାଣ୍ଡର ହସ୍‌ପିଟାଲ୍ ଛକରେ ଥିବା ଡ୍ରେନ୍‌ଗୁଡ଼ିକର ସଫେଇ କାର୍ଯ୍ୟ ତଦାରଖ କରିଥିଲେ। ଏଥିସହିତ ମୁକୁଳା ଡ୍ରେନ୍ ଉପରେ ସ୍ଲାବ୍ ପକାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସହରରେ ଥିବା ସ୍ୱେରେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟର

କାର୍ଯ୍ୟକାରିତା ନେଇ ସମୀକ୍ଷା କରିଥିଲେ। ଶ୍ରୀମନ୍ଦିର ସିଂହଦ୍ୱାରଠାରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ବଡ଼ଦାଣ୍ଡର ବିଭିନ୍ନ ସ୍ଥାନରେ ଥିବା ବିଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା ନେଇ ଆଲୋଚନା କରିଥିଲେ। ମଶା ଉପଦ୍ରବକୁ ନିୟନ୍ତ୍ରଣ ସହିତ ବର୍ଷା ଜଳ ନିଷ୍କାସନ ଆଦିର ସମାଧାନ ନେଇ ବିଭାଗୀୟ ଅଧିକାରୀଙ୍କୁ ମନ୍ତ୍ରୀ ଶ୍ରୀ ପାତ୍ର ନିର୍ଦ୍ଦେଶ ଦେଇଛନ୍ତି।

## ତାଳଗଛ ସଂଗ୍ରହ

ମହାପ୍ରଭୁଙ୍କ ଆଗାମୀ ରଥଯାତ୍ରାରେ ଚାରମାଳ ପାଇଁ ବ୍ୟବହାର ନିମନ୍ତେ ତାଳଗଛ ସଂଗ୍ରହ କରାଯାଇଛି। ଢେଙ୍କାନାଳ ଖଡଗପ୍ରସାଦର ଦାତା ଶ୍ରୀ ବିଜୟ ସାହୁ ଏହା ପ୍ରଦାନ କରିଛନ୍ତି। ଶ୍ରୀମନ୍ଦିର ପ୍ରଶାସନର ଉନ୍ନୟନ ପ୍ରଶାସକ, ରଥ ତତ୍ତ୍ୱାବଧାରକ, ଭୋଇ ସରଦାର, ମହାରଣାଙ୍କ ମିଳିତ ଟିମ୍ ସମ୍ପୃକ୍ତ ଗ୍ରାମକୁ ଗସ୍ତ କରି ଗଛ ଚୟନ କରି ଜଙ୍ଗଲ ବିଭାଗ ସହାୟତାରେ ତାଳଗଉଛଗୁଡ଼ିକୁ କାଟିବା ସହ ପରିବହନ ବ୍ୟବସ୍ଥା କରିଛନ୍ତି। ମହାପ୍ରଭୁଙ୍କ କାର୍ଯ୍ୟ ପାଇଁ ଶ୍ରୀ ସାହୁଙ୍କ ସହଯୋଗକୁ ମନ୍ଦିର ପ୍ରଶାସନ ପକ୍ଷରୁ ଧନ୍ୟବାଦ ଜ୍ଞାପନ କରାଯାଇଛି।

## ନୀରିକ୍ଷଣ ସମିତି ବୈଠକ

**ନୂଆପଡ଼ା**ରେ ଜିଲ୍ଲା ପରିବେଶ ନୀରିକ୍ଷଣ ସମିତି ବୈଠକ ଜିଲ୍ଲାପାଳ ମଧୁସୂଦନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ବଲାଙ୍ଗିର ଶାଖାର ଆଂଚଳିକ ଅଧିକାରୀ ପରିବେଶ ଯନ୍ତ୍ରୀ

ବବିତା ସିଂଙ୍କ ଆହ୍ୱାନ କ୍ରମେ ସଭା ଅନୁଷ୍ଠିତ ହୋଇଥିଲା । ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ ଉପରେ ଆଲୋଚନା କରାଯିବା ସହିତ ଏହି ଦିଗରେ ମିଳିମିଶି କାମ କରିବାକୁ ଶ୍ରୀମତୀ ସିଂହ ଅନୁରୋଧ କରିଥିଲେ ।

## ସମୀକ୍ଷା ବୈଠକ

**ରାୟଗଡ଼ା** ଜିଲ୍ଲାରେ 'ପ୍ରଧାନମନ୍ତ୍ରୀ ଜନମନ ଏବଂ ଧରତୀଆବା ଗ୍ରାମ ଉତ୍କର୍ଷତା ଅଭିଯାନ' ଉପରେ ଏକ ସମୀକ୍ଷା ବୈଠକ ଜିଲ୍ଲାପାଳ ପାରୁଲ ପଟୱାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯାନ ଅଧୀନରେ ଯୋଜନାଗୁଡ଼ିକର ପ୍ରଗତି ମୂଲ୍ୟାଙ୍କନ କରିବା ଏବଂ ବିଶେଷ ଭାବରେ ଦୁର୍ବଳ ଜନଜାତି ଗୋଷ୍ଠୀ କ୍ଷେତ୍ରରେ ଲାଭର ପରିପୂର୍ଣ୍ଣତା ସୁନିଶ୍ଚିତ କରିବା ଏହାର ମୂଳ ଲକ୍ଷ୍ୟ । ମିଳିଥିବା ସୂଚନା ଅନୁସାରେ, ବୈଠକରେ ବାସଗୃହ, ଭିତ୍ତିଭୂମି, ସ୍ୱାସ୍ଥ୍ୟ, ଶକ୍ଷା, ଜୀବିକା ଏବଂ ଅଧିକାରକୁ ନେଇ ଆଲୋଚନା ହୋଇଥିଲା । ଏହି ଯୋଜନାରେ ୭ ହଜାର ୩୭୦ ମଞ୍ଜୁରୀପ୍ରାପ୍ତ ଘର ମଧ୍ୟରୁ ୨ ହଜାର ୪୫୦ଟି ସମ୍ପୂର୍ଣ୍ଣ ହୋଇଛି, ୨୩୫ଟି ବସ୍ତି ମଧ୍ୟରୁ ୮୯ଟି ବସ୍ତିରେ ପାଇପ୍ ଜଳ ଯୋଗାଣ ହୋଇଛି । ରାସ୍ତା ସଂଯୋଗୀକରଣ କ୍ଷେତ୍ରରେ ୧୫ଟି  ରାସ୍ତାର କାମ ଚାଲିଛି । ଚଳିତବର୍ଷ ଶେଷ ସୁଦ୍ଧା ଏହି ଯୋଜନାର ସମସ୍ତ କାର୍ଯ୍ୟ ଶେଷ ହେବ ବୋଲି ବୈଠକରୁ ସୂଚନା ମିଳିଛି ।

## ଇକୋ ଟୁରିଜିମ୍

**ଭଦ୍ରକ** ଜିଲ୍ଲା ରାଣୀତାଲ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ  ଅଗ୍ରୋ ଇକୋ ଟୁରିଜିମ୍ ପାର୍କ ପ୍ରତିଷ୍ଠା କରାଯିବା ନେଇ ସ୍ଥିର ହୋଇଛି । କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକମାନେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏବଂ ଜିଲ୍ଲାପାଳଙ୍କ ସହିତ ପର୍ଯ୍ୟଟନ ପାର୍କ ସ୍ଥାପନ କରିବା ନେଇ ଆଲୋଚନା କରିଛନ୍ତି। ରାଣୀତାଲ କୃଷିବିଜ୍ଞାନ କେନ୍ଦ୍ରର ୧୩୦ ହେକ୍ଟର ଜମିରୁ ୫ ହେକ୍ଟର ଜମିରେ ୨୫ କୋଟି ଟଙ୍କା ବ୍ୟୟରେ ବୃହତ୍ ଜଳାଶୟ ଖନନ କରାଯାଇ ମାଛ ଚାଷ, ବୋଟିଂ ବ୍ୟବସ୍ଥା ସହିତ କୁକୁଡା ଓ ଛତୁ ଚାଷ, ଖତ ଉତ୍ପାଦନ ଔଷଧୀୟ ବୃକ୍ଷ ରୋପଣ ପାଇଁ ବ୍ୟବସ୍ଥା କରାଯିବ।  ଏହା ସହିତ ବ୍ୟାୟାମ ଏବଂ ମନୋରଞ୍ଜନ ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ରାଣୀତାଲ କୃଷିବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି।

# ପାଣିପାଗ

ଦକ୍ଷିଣ-ପଶ୍ଚିମ ମୌସୁମୀବାୟୁ ଆସନ୍ତା ୪ରୁ ୫ ଦିନ ମଧ୍ୟରେ କେରଳ ଛୁଇଁବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି । ଏଥିପାଇଁ ପାଗ ଅନୁକୂଳ ରହିଛି । ସେହିଭଳି ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ୧୩ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।